# ସାହିତ୍ୟ ଏକାଡେମି ପକ୍ଷରୁ ପୁସ୍ତକ ପ୍ରଦର୍ଶନୀ



ପରାକ୍ରମ ଦିବସ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀରେ ସାହିତ୍ୟ ଏକାଡେମି ପକ୍ଷରୁ ବିଭିନ୍ନ ଭାଷାରେ ରଚିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ସମ୍ପର୍କିତ ୧୪୨ଟି ପୁସ୍ତକ ପ୍ରଦର୍ଶିତ ହୋଇଛି। ୨୪ଟି ସ୍ୱତନ୍ତ୍ର ପ୍ୟାନେଲ୍‌ରେ ପୁସ୍ତକଗୁଡ଼ିକରେ ଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି। ଏଥିସହ ପ୍ୟାନେଲ୍‌ରେ ନେତାଜୀଙ୍କ ଶିକ୍ଷା-ଦୀକ୍ଷା, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସରେ ଯୋଗଦାନ, କଂଗ୍ରେସ୍ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ, ଗାନ୍ଧୀ ଏବଂ ନେହରୁଙ୍କ ସହ ମତଭେଦ, ଆଜାଦ ହିନ୍ଦ୍ ଫୌଜ ଗଠନ ପରି ବହୁ ତଥ୍ୟ ସମ୍ବଳିତ ଫଟୋ ପ୍ରଦର୍ଶନ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ, କେନ୍ଦ୍ର ସଂସ୍କୃତି ବିଭାଗର ସଚିବ ଅରୁଣିଶ ଚାୱ୍‌ଲା, ସାହିତ୍ୟ ଏକାଡେମି ସଚିବ ଡକ୍ଟର କେ. ଶ୍ରୀନିବାସରାଓ, ସାହିତ୍ୟ ଏକାଡେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ପୂର୍ବତନ ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗ ଦେଇଥିଲେ।